# NATIONAL NEWS BULLETIN (ODIA)

## 18 September - 2024

## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ଜାମ୍ମୁ କାଶ୍ମୀରରେ ୭ ଜିଲ୍ଲାର ୨୪ ବିଧାନସଭା ଆସନ ପାଇଁ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣରେ ୫୮ ଦଶମିକ୍ ୧/୯ ପ୍ରତିଶତ ମତଦାନ ।
- କେନ୍ଦ୍ର କ୍ୟାବିନେଟ୍‌ରେ ଏକ ଦେଶ ଏକ ନିର୍ବାଚନ ନିମନ୍ତେ ଗଠିତ ଏକ ଉଚ୍ଚସ୍ତରୀୟ କମିଟିର ସୁପାରିଶ ଗୃହୀତ ।
- ଭାରତ ୨୦୩୦ ମସିହା ସୁଦ୍ଧା ଅର୍ଥ ବ୍ୟବସ୍ଥାକୁ ଦ୍ୱିଗୁଣିତ କରିପାରିବ, କହିଲେ ନିତିଆୟୋଗ ସି.ଇ.ଓ. ।

ଏବଂ

- ଗଗନଯାନ କାର୍ଯ୍ୟକ୍ରମ ଅଧୀନରେ ପ୍ରଥମ ମାନବ ବିହୀନ ମିଶନ୍ ପାଇଁ ଇସ୍ରୋର ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି କହିଲେ ମହାକାଶ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ।

# ଜେକେ-ଇଲେକ୍ସନ

ଜାମ୍ମୁ କାଶ୍ମୀରର ୭ଟି ଜିଲ୍ଲାର ୨୪ଟି ବିଧାନସଭା ଆସନ ପାଇଁ ଆଜି ଅନୁଷ୍ଠିତ ହୋଇଥିବା ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣରେ ଅପରାହ୍ଣ ୫ଟା ସୁଦ୍ଧା ୫୮ ଦଶମିକ୍ ୧/୯ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି । କାଶ୍ମୀର ଉପତ୍ୟକାର ପେହେଲଗାମ୍ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୬୭ ଦଶମିକ୍ ୮/୬ ପ୍ରତିଶତ ମତଦାନ ହୋଇଥିବା ବେଳେ ଡି.ଏଚ୍. ପୁରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୬୫ ଦଶମିକ୍ ୨/୧ ପ୍ରତିଶତ, କୁଲଗାମ୍ ବିଧାନସଭା ଆସନରେ ୫୯ ଦଶମିକ୍ ୫/୮ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି । ତ୍ରାଲ୍ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସର୍ବନିମ୍ନ ୪୦ ଦଶମିକ୍ ୫/୮ ପ୍ରତିଶତ ଭୋଟ୍ ଗ୍ରହଣ ହୋଇଛି ।

ଜାମ୍ମୁ ଡିଭିଜନ୍ ଅନ୍ତର୍ଗତ କିସ୍ତୱାର୍, ଡୋଡା, ରାମ୍‌ବାନ୍ ଜିଲ୍ଲା ଅନ୍ତର୍ଗତ ୮ଟି ବିଧାନସଭା ଆସନ ପାଇଁ ମତଦାନ ଅନୁଷ୍ଠିତ ହୋଇଛି । ଅପରାହ୍ଣ ୫ଟା ସୁଦ୍ଧା କିସ୍ତୱାର୍ ଜିଲ୍ଲାର ଇନ୍ଦରୱାଲ୍ ବିଧାନସଭା ଆସନରେ ସର୍ବାଧିକ ୮୦ ଦଶମିକ୍ ୦/୬ ପ୍ରତିଶତ ମତଦାନ ହୋଇଛି । କିସ୍ତୱାର୍ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୭୫ ଦଶମିକ୍ ୦/୪ ପ୍ରତିଶତ ଏବଂ ପଦ୍ଦର୍-ନାଗସେନି ଠାରେ ୭୬ ଦଶମିକ୍ ୮/୦ ପ୍ରତିଶତ ମତଦାନ ହୋଇଛି । ଭଦେରୱାରେ ୬୫ ଦଶମିକ୍ ୨/୭ ପ୍ରତିଶତ, ପୂର୍ବ ଡୋଡାରେ ୭୦ ଦଶମିକ୍ ୨/୧ ପ୍ରତିଶତ, ପଶ୍ଚିମ ଡୋଡାରେ ୭୪

ଦଶମିକ୍ ୧/୪ ପ୍ରତିଶତ, ରାମ୍‌ବାନ୍‌ରେ ୬୭ ଦଶମିକ୍ ୩/୪ ପ୍ରତିଶତ ଏବଂ ବନିହାଲ୍ ନିର୍ବାଚନ ମଣ୍ଡଳୀରେ ୬୮ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି ।

୨୦୧୯ ଅଗଷ୍ଟ ମାସରେ  ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଜାମ୍ମୁ କାଶ୍ମୀରରେ ପ୍ରଥମଥର ପାଇଁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଛି । ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ୨୫ ତାରିଖରେ ହେବାକୁ ଥିବାବେଳେ ଆସନ୍ତା ମାସ ପହିଲାରେ ତୃତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ । ଆସନ୍ତା ମାସ ୮ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ମିଳିଛି ।

## କ୍ୟାବିନେଟ୍

ସମଗ୍ର ଦେଶରେ ଏକ ସଙ୍ଗେ ନିର୍ବାଚନ ପାଇଁ ଗୋଟିଏ ଦେଶ ଗୋଟିଏ ନିର୍ବାଚନ 'ୱାନ୍ ନେସନ୍ ୱାନ୍ ଇଲେକ୍‌ସନ୍' ନିମନ୍ତେ ଗଠିତ ଏକ ଉଚ୍ଚସ୍ତରୀୟ କମିଟିର ସୁପାରିଶକୁ କେନ୍ଦ୍ର ସରକାର ଆଜି ଗ୍ରହଣ କରିଛନ୍ତି । କେନ୍ଦ୍ର ମନ୍ତ୍ରିମଣ୍ଡଳ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳ ଏବଂ

ବିଶେଷଜ୍ଞମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା । ସେ କହିଛନ୍ତି, ଦୁଇଟି ପର୍ଯ୍ୟାୟରେ ୱାନ୍ ନେସନ୍ ୱାନ୍ ଇଲେକ୍ସନ୍ ପ୍ରକ୍ରିୟା କାର୍ଯ୍ୟକାରୀ ହେବ । ପ୍ରଥମ ପର୍ଯ୍ୟାୟରେ ଏକ ସଙ୍ଗେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ସାଧାରଣ ନିର୍ବାଚନର ୧୦୦ ଦିନ ମଧ୍ୟରେ ପଞ୍ଚାୟତ ଏବଂ ପୌରନିଗମ ନିର୍ବାଚନ ଅନୁଷ୍ଠିତ ହେବ ।

ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇ କହିଛନ୍ତି, କେନ୍ଦ୍ର ସରକାର ଦେଶରେ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଚନ୍ଦ୍ରାୟନ-୪ ଅଭିଯାନ ଏବଂ ଶୁକ୍ର କକ୍ଷ ମିଶନ୍‌କୁ ଅନୁମୋଦନ କରିଛନ୍ତି । ଚନ୍ଦ୍ରରେ ସଫଳ ଅବତରଣ ପରେ ପୃଥିବୀ ପୃଷ୍ଠକୁ ପ୍ରତ୍ୟାବର୍ତ୍ତନ ଲାଗି ଉପଯୁକ୍ତ ପ୍ରଯୁକ୍ତିବିଦ୍ୟାର ବିକାଶ ନିମନ୍ତେ ଚନ୍ଦ୍ରାୟନ-୪ ଅଭିଯାନ ଉଦ୍ଦିଷ୍ଟ । ସେହିପରି ଶୁକ୍ର ଅଭିଯାନ ସମ୍ପର୍କରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ୨୦୨୮ ମସିହା ମାର୍ଚ୍ଚ ସୁଦ୍ଧା ଏହି ଅଭିଯାନ ଆରମ୍ଭ ହେବାର ସମ୍ଭାବନା ରହିଛି । ଏହି ଅଭିଯାନ ନିମନ୍ତେ ୧ହଜାର ୨୩୬ କୋଟି ଟଙ୍କା ଅନୁମୋଦନ କରାଯାଇଛି । ସେଥିମଧ୍ୟରୁ ମହାକାଶ ଯାନ ନିମନ୍ତେ ୮୨୪ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

କୃଷକମାନଙ୍କୁ ରିହାତି ଏବଂ ସୁଲଭ ଦରରେ ସାର ଯୋଗାଇବା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଫସ୍‌ଫେଟ୍ ଏବଂ ପଟାସ୍ ସାର ଉପରେ

ରବିରତୁ ୨୦୨୪-୨୫ରେ ରିହାତି ଦେବାକୁ କେନ୍ଦ୍ର ସରକାର ଅନୁମୋଦନ କରିଥିବା ଶ୍ରୀ ବୈଷ୍ଣବ ଘୋଷଣା କରିଛନ୍ତି । ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଅନ୍ନଦାତା  ଆୟ ସଂରକ୍ଷଣ ଅଭିଯାନ ପି.ଏମ୍. ଆଶା ଯୋଜନା ଜାରି ରହିବା ପ୍ରକ୍ରିୟାକୁ ମଧ୍ୟ ସରକାର ଅନୁମୋଦନ କରିଛନ୍ତି । ଏହି ପ୍ରକ୍ରିୟା ଜାରି ନିମନ୍ତେ ୩୫ ହଜାର କୋଟି ଟଙ୍କା ବିନିଯୋଗ କରାଯିବ ବୋଲି ସେ କହିଛନ୍ତି । ଏହା ଡାଲି, ତୈଳଜାତୀୟ ଶସ୍ୟ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କୃଷି-ଉଦ୍ୟାନ କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହନ ଦେବା ନିମନ୍ତେ ସହାୟକ ହେବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ମନ୍ତ୍ରୀ ଶ୍ରୀ ବୈଷ୍ଣବ ଆହୁରି ସୂଚନା ଦେଇ କହିଛନ୍ତି, କେନ୍ଦ୍ର ସର କାର ୭୯ ହଜାର ୧୫୬ କୋଟି ଟଙ୍କା ବ୍ୟୟରେ  ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନକୁ ଅନୁମୋଦନ କରିଛନ୍ତି । ଏହି ଯୋଜନା ଆଦିବାସୀ ସମ୍ପ୍ରଦାୟର ସାମାଜିକ ଓ ଅର୍ଥନୈତିକ ଅବସ୍ଥାରେ ଉନ୍ନତି ଆଣିବାରେ ସହାୟକ ହେବ । ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ଅଭିଯାନ ପ୍ରକ୍ରିୟାରେ ପ୍ରାୟ ୬୩ ହଜାରରୁ ଊର୍ଦ୍ଧ୍ୱ ଗ୍ରାମକୁ ସାମିଲ କରାଯିବ ଏବଂ ପ୍ରାୟ ୫ କୋଟିରୁ ଊର୍ଦ୍ଧ୍ୱ ଜନଜାତି ସମ୍ପ୍ରଦାୟର ଲୋକେ ଏହାଦ୍ୱାରା ଉପକୃତ ହୋଇପାରିବେ । ସମଗ୍ର ଦେଶର ୩୦ଟି ରାଜ୍ୟ ଏବଂ କେନ୍ଦ୍ର

ଶାସିତ ଅଞ୍ଚଳ ଅନ୍ତର୍ଗତ ୫୪୯ଟି ଜିଲ୍ଲା ସମେତ ୨ହଜାର ୭୪୦ ବ୍ଲକ୍‌ରେ ପ୍ରଧାନମନ୍ତ୍ରୀ ଜନଜାତି ଉନ୍ନତ ଗ୍ରାମ ଅଭିଯାନ କାର୍ଯ୍ୟକାରୀ କରାଯିବ ।

ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍‌ରେ ଆନିମେସନ୍, ଭିଜୁଆଲ୍, ଗେମିଂ, କମିକ୍ସ ଆଦି କ୍ଷେତ୍ରରେ ଜାତୀୟ ଦକ୍ଷତା କେନ୍ଦ୍ର ସ୍ଥାପନକୁ ସ୍ୱୀକୃତି ପ୍ରଦାନ କରାଯାଇଛି ।

# ଜୟପୁର-ରାଷ୍ଟ୍ରପତି ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଗବେଷଣା ଏବଂ ବିକାଶ କ୍ଷେତ୍ରରେ ମହିଳାମାନଙ୍କର ଅଂଶଗ୍ରହଣ କେବଳ ଦେଶର ସାଂସ୍କୃତିକ ଏବଂ ଅର୍ଥନୈତିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଏହା ମହିଳାମାନଙ୍କର ଗୁଣାତ୍ମକ ଜୀବନ ଧରଣମାନର ବିକାଶ ଦିଗରେ ମଧ୍ୟ ସହାୟକ ହୁଏ ।

ଶ୍ରୀମତୀ ମୁର୍ମୁ ଆଜି ଅପରାହ୍ଣରେ ଜୟପୁର ସ୍ଥିତ ମାଲବ୍ୟ ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନର ଅଷ୍ଟାଦଶ ସମାବର୍ତ୍ତନ ସମାରୋହରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି । ସେ କହିଛନ୍ତି, ମହିଳାମାନଙ୍କୁ ସମାନ ସୁଯୋଗ ପ୍ରଦାନ କରାଗଲେ ସେମାନେ ମଧ୍ୟ ସର୍ବୋତ୍ତମ ପ୍ରଦର୍ଶନ କରିପାରିବେ । ଗତ କିଛି ବର୍ଷ ମଧ୍ୟରେ ଦେଶରେ ଶିକ୍ଷା କ୍ଷେତ୍ରରେ ବାଳିକାମାନଙ୍କର ଅନ୍ତର୍ଭୁକ୍ତିକରଣ ଆଶାତିତ ଭାବେ ବୃଦ୍ଧି ପାଇଥିବାରୁ ଶ୍ରୀମତୀ ମୁର୍ମୁ ସନ୍ତୋଷ ବ୍ୟକ୍ତ କରିଥିଲେ । ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଭାରତ ଗଠନ କରିବା ଲକ୍ଷ୍ୟ ରହିଛି ବୋଲି ଶ୍ରୀମତୀ ମୁର୍ମୁ

କହିଛନ୍ତି । ଜାତୀୟ ବିକାଶ ଦିଗରେ ନେତୃତ୍ୱ ପ୍ରଦାନରେ ଛାତ୍ରଛାତ୍ରୀମାନଙ୍କର ଦାୟିତ୍ୱ ରହିଛି ବୋଲି ସେ କହିଛନ୍ତି ।

ଦୃଢ଼ ଆତ୍ମବିଶ୍ୱାସ ଏବଂ ଜ୍ଞାନ ଦ୍ୱାରା ଦେଶର ଭବିଷ୍ୟତ ଗଠନ ପାଇଁ ଛାତ୍ର ସମାଜ ଆଗେଇ ଆସିବାକୁ ଶ୍ରୀମତୀ ମୁର୍ମୁ ପରାମର୍ଶ ଦେଇଛନ୍ତି । ଶ୍ରୀମତୀ ମୁର୍ମୁ ପରିବେଶ ସୁରକ୍ଷା ଦିଗରେ ଯତ୍ନବାନ ହେବାକୁ ଛାତ୍ର ସମାଜକୁ ଆହ୍ୱାନ ଦେଇଛନ୍ତି । ପରିବେଶ ସୁରକ୍ଷା ନିମନ୍ତେ ନୂତନ ପ୍ରଯୁକ୍ତିବିଦ୍ୟା ବିକାଶ କରାଯିବା ଉଚିତ୍ ବୋଲି ସେ କହିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ଥାନ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।

## ଟ୍ରମ୍ପ୍-ମୋଦୀ

ଆମେରିକାର ରିପବ୍ଲିକାନ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ଆସନ୍ତା ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ସାକ୍ଷାତ କରିବେ । ଆମେରିକାର ଫ୍ଲିଣ୍ଟ୍ ମିଚିଗାନ୍ ଠାରେ ନିର୍ବାଚନ ପ୍ରଚାର ବେଳେ ଟ୍ରମ୍ପ୍ ଏହା କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଆମେରିକା ଗସ୍ତରେ ଯିବେ । ୨୧ ତାରିଖ ଦିନ ଡେଲାୱେରେର ୱିଲ୍ମିଙ୍ଗ୍ଟନ୍ ଠାରେ ଆୟୋଜିତ ହେବାକୁ ଥିବା ଚତୁର୍ଥ କ୍ୱାଡ୍ ଶିଖର

ସମ୍ମିଳନୀରେ ସେ ଯୋଗଦେବେ । ଚଳିତ ଶିଖର ସମ୍ମିଳନୀର ଆୟୋଜକ ଆମେରିକାର ଅନୁରୋଧ କ୍ରମେ ଆସନ୍ତାବର୍ଷ ଭାରତ ପରବର୍ତ୍ତୀ କ୍ୱାଡ୍ ଶିଖର ସମ୍ମିଳନୀ ଆୟୋଜନ କରିବାକୁ ସମ୍ମତି ପ୍ରଦାନ କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଏହି ସମ୍ମିଳନୀ ଅବସରରେ ଗତବର୍ଷ କ୍ୱାଡ୍ ସମ୍ମିଳନୀରେ ନିଆଯାଇଥିବା ନିଷ୍ପତ୍ତି ଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରାଯିବ । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଦେଶଗୁଡ଼ିକର ବିକାଶର ଲକ୍ଷ୍ୟ ପୂରଣ କରିବା ନେଇ ଆସନ୍ତା ଶିଖର ସମ୍ମିଳନୀରେ ଆଲୋଚନା ହେବାକୁ ଥିବା ପ୍ରସଙ୍ଗ ପ୍ରସ୍ତୁତ କରାଯିବ ।

୨୩ ତାରିଖରେ ନ୍ୟୁୟର୍କରେ ଅନୁଷ୍ଠିତ ହେବାକୁ ଥିବା ଜାତିସଂଘ ସାଧାରଣ ସଭା 'ସମିଟ୍ ଅଫ୍ ଦି ଫିଉଚର୍'କୁ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିବେ ।

## ନିତିଆୟୋଗ

ନିତିଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବି.ଭି.ଆର୍. ସୁବ୍ରମଣ୍ୟମ୍ କହିଛନ୍ତି, ଭାରତ ୨୦୩୦ ମସିହା ସୁଦ୍ଧା ଏହାର ଅର୍ଥ ବ୍ୟବସ୍ଥାର ଆକାରକୁ ସହଜରେ ଦ୍ୱିଗୁଣିତ କରିପାରିବ । ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ସୁବ୍ରମଣ୍ୟମ୍ କହିଛନ୍ତି, ଭାରତ ହେଉଛି ପଞ୍ଚମ ସର୍ବବୃହତ୍ ଅର୍ଥ ବ୍ୟବସ୍ଥା ଯାହାର ପରିମାଣ

ନାମମାତ୍ର ଦୃଷ୍ଟିରୁ ପାଖାପାଖି ୩ ଦଶମିକ୍ ୭ଲକ୍ଷ କୋଟି ଆମେରିକୀୟ ଡଲାର୍ ।  ୨୦୪୭ ମସିହା ସୁଦ୍ଧା ଭାରତ ଜନସଂଖ୍ୟା ଦୃଷ୍ଟିରୁ ବିଶ୍ୱର ସର୍ବକନିଷ୍ଠ ରାଷ୍ଟ୍ର ଗୁଡ଼ିକ ମଧ୍ୟରେ ସ୍ଥାନ ପାଇବ, ଯାହାର ମୁଣ୍ଡପିଛା ଆୟ ପାଖାପାଖି ୨୦ ହଜାର ଆମେରିକୀୟ ଡଲାର୍ ହେବ ବୋଲି ଶ୍ରୀ ସୁବ୍ରମଣ୍ୟମ୍ କହିଛନ୍ତି । ସେ ଆହୁରି କହିଛନ୍ତି, ଜଳବାୟୁ ପରିବର୍ତ୍ତନ ହେଉଛି ଭାରତ ପାଇଁ ଜଳବାୟୁ ପ୍ରଯୁକ୍ତି ବିଦ୍ୟାରେ ଅଗ୍ରଣୀ ହେବାର ଏକ ସୁଯୋଗ । ସମ୍ପ୍ରତି ଆମକୁ ସବୁଜ ଅର୍ଥ ବ୍ୟବସ୍ଥା ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ଏବଂ ନିତିଆୟୋଗ ୨୦୭୦ ମସିହା ସୁଦ୍ଧା ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ଏକ ମାର୍ଗ ବିକଶିତ କରିବା ଉପରେ କାର୍ଯ୍ୟ କରୁଛି ।

## ଇସ୍ରୋ

ବିକ୍ରମ ସାରାଭାଇ ମହାକାଶ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ଏସ୍. ଉନ୍ନିକ୍ରିଷ୍ଣନ୍ ନାୟର କହିଛନ୍ତି, ଗଗନଯାନ କାର୍ଯ୍ୟକ୍ରମ ଅଧୀନରେ ପ୍ରଥମ ମାନବବିହୀନ ମିଶନ୍ ପାଇଁ ଇସ୍ରୋର ପ୍ରସ୍ତୁତିପର୍ବ ଆରମ୍ଭ ହୋଇଛି । ଆଜି ବାଙ୍ଗାଲୁରୁରେ ଅଷ୍ଟମ ବାଙ୍ଗାଲୁରୁ ମହାକାଶ ପ୍ରଦର୍ଶନୀ ଅବସରରେ ଶ୍ରୀ ଉନ୍ନିକ୍ରିଷ୍ଣନ୍ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ମାନବ ବିହୀନ ମିଶନ୍ ପାଇଁ କକ୍ଷୀୟ ମଡ୍ୟୁଲ୍ ପ୍ରସ୍ତୁତ କରାଯାଉଛି ଏବଂ

ଏହାକୁ ଶୀଘ୍ର ଶ୍ରୀହରିକୋଟାକୁ ସ୍ଥାନାନ୍ତରିତ କରାଯିବ । ପ୍ରଥମ ମାନବବିହୀନ ମିଶନ୍ ଚଳିତ ବର୍ଷ ଶେଷରେ ଧାର୍ଯ୍ୟ ହୋଇଛି । ଡକ୍ଟର ଉନ୍ନିକ୍ରିଷ୍ଣନ୍ କହିଛନ୍ତି, ନିକଟରେ ଚିତ୍ର ଦୁର୍ଗରେ ପୁଷ୍ପକ ନାମକ ଏକ ପୁନଃ ବ୍ୟବହାର ଯୋଗ୍ୟ ଉତ୍କ୍ଷେପଣ ଯାନ ଆର୍.ଏଲ୍.ଭି. ଏଲ୍.ଇ.ଏକ୍ସ. ୦୨ର ସଫଳତାର ସହ ପରୀକ୍ଷଣ କରିବା ପରେ ପୁନଃ ବ୍ୟବହାର ଯୋଗ୍ୟ ମହାକାଶ ଯାନର ପାରାଚ୍ୟୁଟ୍ ସିଷ୍ଟମ୍‌କୁ ପରୀକ୍ଷା କରିବା ପାଇଁ ଇସ୍ରୋ ପ୍ରସ୍ତୁତ ହେଉଛି । ସେ ଆହୁରି କହିଛନ୍ତି, ଏକ ଅତ୍ୟନ୍ତ ବିଶ୍ୱସନୀୟ କ୍ରୁ ଏସ୍କେପ୍ ସିଷ୍ଟମ୍ ମଧ୍ୟ ନିକଟରେ ପରୀକ୍ଷା କରାଯାଇଥିଲା । ଗଗନଯାନ କାର୍ଯ୍ୟକ୍ରମ ଅଧୀନରେ ଅନ୍ତିମ ମାନବ ମିଶନ ପୂର୍ବରୁ ଇସ୍ରୋର ତିନୋଟି ମାନବବିହୀନ ପରୀକ୍ଷଣ ଉଡ଼ାଣ ହେବ । ୨୦୩୫ ମସିହା ସୁଦ୍ଧା କାର୍ଯ୍ୟକାରୀ ହେବାକୁ ଥିବା ମହାକାଶ କେନ୍ଦ୍ର ଏବଂ ଚନ୍ଦ୍ରଯାନ-୪ ଉପରେ ମଧ୍ୟ ଇସ୍ରୋ କାର୍ଯ୍ୟ କରିବ, ଯାହା ଚନ୍ଦ୍ରରେ ଅବତରଣ କରିବା ସହିତ ନମୁନା ସଂଗ୍ରହ କରିବ ଏବଂ ପୃଥିବୀକୁ ଫେରିବାର କ୍ଷମତା ରହିବ ବୋଲି ଡକ୍ଟର ଉନ୍ନିକ୍ରିଷ୍ଣନ୍ ସୂଚନା ଦେଇଛନ୍ତି ।